# 1

# ଭାରତ ଇତିହାସ ଅଧ୍ୟୟନ

ଅତୀତର ଘଟଣାବଳୀର ଅଧ୍ୟୟନ ହେଉଛି ଇତିହାସ । ଆଦିମ ମନୁଷ୍ୟ ଯେଉଁ ଉପାୟଗୁଡ଼ିକ ଅବଲମ୍ବନ କରି ପାରିପାର୍ଶ୍ୱିକ ଅବସ୍ଥା ଉପରେ ସଫଳତା ବିଜୟ ଲାଭ କରିଛି ଏବଂ ଉନ୍ନତ ସଭ୍ୟତା ସୃଷ୍ଟି କରିପାରିଛି, ତାକୁ ଜାଣିବାରେ ଏହା ସାହାଯ୍ୟକରେ । ଇତିହାସ କେବଳ ଯୁଦ୍ଧ କିମ୍ବା କୌଣସି ରାଜାଙ୍କର କାହାଣୀ ନୁହେଁ । ବରଂ ଏହା ହେଉଛି ଉପଲବ୍ଧ ବିଭିନ୍ନ ଉପାଦାନ ଦ୍ୱାରା ପ୍ରତିଫଳିତ ସୁଦୀର୍ଘ ସାମାଜିକ, ଅର୍ଥନୀତିକ ଏବଂ ସାଂସ୍କୃତିକ ବିଶ୍ଳେଷଣ । ଜଣେ ଐତିହାସିକ ବିଭିନ୍ନ ଘଟଣାବଳୀର ମୂଲ୍ୟାଙ୍କନ ଦୀର୍ଘ ସମୟ ଧରି କରିବା ସମୟରେ ଅନେକ ପ୍ରଶ୍ନ ତା'ର ମନମଧ୍ୟରେ ଆସେ । ଯଥା- କାହିଁକି ଏପରି ଘଟଣାଗୁଡ଼ିକ ଘଟେ ? ଏବଂ ଶେଷରେ ଏହି ଘଟଣାର ପ୍ରଭାବ ସମାଜ ଉପରେ କ'ଣ ଥିଲା ? ଇତ୍ୟାଦି, ଇତ୍ୟାଦି । ବିଭିନ୍ନ ଐତିହାସିକ ମାନଙ୍କର ଗବେଷଣା ଦ୍ୱାରା ଆବିଷ୍କୃତ ନୂତନ ତଥ୍ୟ ଏବଂ ଉପଲବ୍ଧ ଉପାଦାନ ଉପରେ ଭିନ୍ନ ଭିନ୍ନ ଆଭିମୁଖ୍ୟ ଆମମାନଙ୍କର ଅତୀତ ବିଷୟରେ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ । ଜଣେ ଐତିହାସିକ ତଥ୍ୟ ଓ କାହାଣୀ ମଧ୍ୟରେ ଥିବା ପାର୍ଥକ୍ୟକୁ ସାଦୃଶ୍ୟ କରେ । ହେଲେ କିମ୍ବଦନ୍ତୀ ଆଧାରିତ ପୌରାଣିକ ସ୍ମୃତି ମଧ୍ୟ ଅତୀତର ଘଟଣାବଳୀ ଉପରେ ଆଲୋକପାତ କରିଥାଏ । ଐତିହାସିକର କର୍ତ୍ତବ୍ୟ ହେଉଛି ବିଭିନ୍ନ ଐତିହାସିକ ତଥ୍ୟ ଉପରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ବାସ୍ତବତାକୁ ଲୋକଲୋଚନକୁ ଆଣିବା । ଏହି ଅଧ୍ୟାୟରେ ତୁମ୍ଭେମାନେ ଅଧ୍ୟୟନ କରି ଜାଣିପାରିବ ଯେ କିପରି ଅନେକଗୁଡ଼ିଏ ଐତିହାସିକ ତଥ୍ୟ ଏବଂ ସେଗୁଡ଼ିକର ବର୍ଣ୍ଣନାକୁ ଆଧାର କରି ପୁରାତନ ଭାରତର ଇତିହାସ ସୃଷ୍ଟି ହୋଇଅଛି ।

## OBJECTIVES - ଉଦ୍ଦେଶ୍ୟ

**ଏହି ଅଧ୍ୟାୟକୁ ଅଧ୍ୟୟନ କଲାପରେ ତୁମ୍ଭେମାନେ ନିମ୍ନ ଲିଖିତ ବିଷୟକୁ ଜାଣିବା ପାଇଁ ସମର୍ଥ ହେବ**

- ପ୍ରାଚୀନ ଭାରତର ଐତିହାସିକ ଗଠନ ପ୍ରଣାଳୀ ବୁଝିପାରିବ ।
- ପ୍ରାଚୀନ ଐତିହାସିକମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ପ୍ରକାର ଉପାଦାନ ଓ ପଦାର୍ଥ ସମ୍ବନ୍ଧରେ ଜାଣିବାକୁପାଇବ ।
- ପରିବର୍ତ୍ତୀତ ଐତିହାସିକ ରଚନାର ପରମ୍ପରାରେ ହେଉଥିବା ପରିବର୍ତ୍ତନକୁ ଚିହ୍ନିତ କରିପାରିବ ।

## 1.1 SOURCES FOR RECONSTRUCTING ANCIENT INDIAN HISTORY ପୁରାତନ ଭାରତ ଇତିହାସର ବିଭିନ୍ନ ସ୍ରୋତସାମଗ୍ରୀ

ଅତୀତ ଘଟଣାବଳୀକୁ ଐତିହାସିକ-ରୂପ ଦେବା ପାଇଁ ଜଣେ ଐତିହାସିକ ବିଭିନ୍ନ ଉପାଦାନ ଏବଂ ପଦାର୍ଥ ଆବଶ୍ୟକ କରେ । ସେହି ଉପାଦାନ ଉପରେ ଗବେଷଣା କରି ଐତିହାସିକ ତଥ୍ୟ ପ୍ରଦାନ କରେ ଏବଂ ସେହି ବର୍ଣ୍ଣନା ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ । ପ୍ରକୃତରେ କହିବାକୁ ଗଲେ



ଟିପ୍ପଣୀ

କେବଳ ଐତିହାସିକ ହିଁ ବିଭିନ୍ନ ଉପାଦାନ ବିଷୟରେ ଗବେଷଣା କରି ଟିକିନିକି ପରୀକ୍ଷା ଓ ନିରୀକ୍ଷା କଲାପରେ ବାସ୍ତବ ତଥ୍ୟ ସମ୍ବନ୍ଧିତ ତଥ୍ୟ ପ୍ରଦାନ କରିଥାଏ । ଏ ବିଷୟରେ ଏକ ଉଦାହରଣ ନିଆଯାଇପାରେ । ୧୮୨୬ ଖ୍ରୀଷ୍ଟାବ୍ଦରେ ହରପ୍ପା ଠାରେ ଏକ ପୁରାତନ ସଭ୍ୟତାର ବିଶାଳ ପ୍ରାଚୀର ଓ ସ୍ତମ୍ଭକୁ ଚାର୍ଲସ୍ ମାସନ୍ ଆବିଷ୍କାର କରିଥିଲେ । ଏହା ପଶ୍ଚିମ ପଞ୍ଜାବର ଏକ ଗ୍ରାମରେ ଠାବ କରଗଲା ଯାହାକି ଆଧୁନିକ ପାକିସ୍ଥାନରେ ଅବସ୍ଥିତ । ପଚାଶ ବର୍ଷ ପରେ ସାର୍ ଆଲେକ୍‌ଜାଣ୍ଡାର୍ କନିଙ୍ଗହାମ୍ ଏହି ସ୍ଥାନରୁ କେତେଗୁଡ଼ିଏ ସିଲ୍ ବା ମୋହର ସଂଗ୍ରହ କରିଥିଲେ । ସିନ୍ଧୁନଦୀ କୂଳରେ ଥିବା ଏହି ପୁରାତନ ସଭ୍ୟତାକୁ ଚିହ୍ନିବା ପାଇଁ ପ୍ରତ୍ନତତ୍ତ୍ୱବିତ୍ ସାର୍ ଜନ୍ ମାର୍ଶାଲ୍‌ଙ୍କୁ ଦୀର୍ଘ ପଚାଶବର୍ଷ ସମୟ ଲାଗିଥିଲା । କିନ୍ତୁ ଐତିହାସିକମାନଙ୍କ ମତ ମଧ୍ୟରେ ସମନ୍ୱୟ ରହିବା ନିହାତି ଆବଶ୍ୟକ । ଉଦାହରଣ ସ୍ୱରୂପ ସପ୍ତମ ଶତାବ୍ଦୀରେ ଶାସନ କରୁଥିବା ସମ୍ରାଟ ହର୍ଷବର୍ଦ୍ଧନଙ୍କ ବିଷୟରେ ମିଳିଥିବା ଉପାଦାନର ବର୍ଣ୍ଣନା ଅନୁଯାୟୀ ହର୍ଷବର୍ଦ୍ଧନ ଚାଲୁକ୍ୟ ବଂଶର ରାଜା ଦ୍ୱିତୀୟ ପୁଲକେଶିଙ୍କୁ ପରାସ୍ତ କରିଥିଲେ । କିନ୍ତୁ ଦ୍ୱିତୀୟ ପୁଲକେଶିଙ୍କ ଶୀଳାଲେଖର ବର୍ଣ୍ଣନା ଅନୁଯାୟୀ ଦ୍ୱିତୀୟ ପୁଲକେଶି ହର୍ଷବର୍ଦ୍ଧନଙ୍କୁ ପରାସ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ହର୍ଷବର୍ଦ୍ଧନଙ୍କ ପୃଷ୍ଠପୋଷକତା ଲାଭ କରି, ହର୍ଷବର୍ଦ୍ଧନଙ୍କ ଜୀବନ ଚରିତ ରଚନା କରିଥିବା ବାଣଭଟ୍ଟ ହର୍ଷଚରିତରେ ହର୍ଷବର୍ଦ୍ଧନଙ୍କ ପରାଜୟ ଘଟଣାକୁ ଏଡ଼ାଇଦେଇଛନ୍ତି ।

ଇତିହାସର ଅର୍ଥ 'ତେଣୁ ଏହା ଘଟିଥିଲା' ଏବଂ 'ଇତିହାସ' ରୂପେ ଏହା ଅନୁବାଦିତ ହେଲା । ସମୟଥିଲା ଯେତେବେଳେ କେବଳ ଲିଖିତ ଉପାଦାନଗୁଡ଼ିକ ବାସ୍ତବ ଐତିହାସିକ ତଥ୍ୟ ରୂପେ ବିବେଚିତ ହେଉଥିଲା । ଲିଖିତ ଉପାଦାନଗୁଡ଼ିକୁ ଯାଞ୍ଚ କରାଯାଉଥିଲା । ପୌରାଣିକ ତଥ୍ୟ ଓ ଲୋକ ସଂଗୀତଗୁଡ଼ିକ କଦାପି ବାସ୍ତବ ଉପାଦାନ ରୂପେ ବିବେଚିତ ହେବେନାହିଁ । ପ୍ରାକ୍ ଐତିହାସିକମାନେ ପୁରାଣ, ଗଳ୍ପ ଏବଂ କିମ୍ବଦନ୍ତୀକୁ ବ୍ୟବହାର କରି ଆନୁମାନିକ ତଥ୍ୟ ପ୍ରଦାନ କରୁଥିଲେ ଏହା ସର୍ବାଦୌ ଗ୍ରହଣୀୟ ହେଉନଥିଲା । କିନ୍ତୁ ଅଧୁନା ଐତିହାସିକମାନେ ଇତିହାସ ରଚନା କଲାବେଳେ ପ୍ରଚଳିତ ପ୍ରଥା, ସାଂସ୍କୃତିକ ଉନ୍ନତି ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

ଉଦାହରଣ ସ୍ୱରୂପ ମହାଭାରତ କଥା ଆଲୋଚନା କରାଯାଇପାରେ । ମହାଭାରତ ଥିଲା ଦୁଇ ସମ୍ପର୍କୀୟ ଯୋଦ୍ଧାଙ୍କ ମଧ୍ୟରେ ସଂଘର୍ଷର କାହାଣୀ । ପୁରାଣର ବର୍ଣ୍ଣନା ଅନୁଯାୟୀ ପ୍ରକୃତରେ ଯୁଦ୍ଧ ହୋଇଥିଲା କି ନାହିଁ ତାହା ନିଶ୍ଚିତ ହୋଇପାରିବ ନାହିଁ । କେତେକ ଐତିହାସିକ ଏହି ଯୁଦ୍ଧ ସଂଘଠିତ ହୋଇଥିଲା ବୋଲି ବିଶ୍ୱାସ କଲାବେଳେ ଅନ୍ୟ କେତେକ ଐତିହାସିକ ଏହି ସଂଘର୍ଷର ଆନୁସଙ୍ଗୀକ ଉପାଦାନ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ସମ୍ଭବତଃ କ୍ଷତ୍ରୀୟ ଯୋଦ୍ଧାମାନଙ୍କ ସହିତ ଆସିଥିବା ବାର୍ଡ ବା ଚାରଣକବିମାନେ ଯୁଦ୍ଧ ସମ୍ବନ୍ଧୀୟ ଗଳ୍ପ ରଚନା କରିଥାନ୍ତି । ସେମାନେ ବୀରମାନଙ୍କ ସାହସିକତା ଏବଂ ବିଜୟ କୃତିତ୍ୱକୁ ପ୍ରଶଂସା କରି ସଂଗୀତ ଆବୃତ୍ତି କରିଥାନ୍ତି । ଏହି ରଚନାଗୁଡ଼ିକ ମୌଖିକ ଭାବରେ ପ୍ରଚାର କରାଯାଉଥିଲା । ଏବଂ ମାନବୀୟ ସ୍ମୃତି ସ୍ୱରୂପ ସଂରକ୍ଷିତ ହୋଇ ରହୁଥିଲା ।

### LITERARY SOURCES - ସାହିତ୍ୟିକ ସ୍ରୋତସାମଗ୍ରୀ

### 1.2 RELIGIOUS LITERATURE- ଧର୍ମୀୟ ସାହିତ୍ୟ

ବେଦ ସର୍ବପ୍ରାଚୀନ ଧର୍ମୀୟ ଶାସ୍ତ୍ର ରୂପେ ସୁପରିଚିତ । ଏହି ଶାସ୍ତ୍ର ଖ୍ରୀ:ପୂ: ୧୫୦୦ରୁ ଖ୍ରୀ:ପୂ: ୫୦୦ ମଧ୍ୟରେ ରଚିତ ହୋଇଥିଲା । 'ବେଦ' ଚାରି ଭାଗରେ ବିଭକ୍ତ । ଋକ୍ ବେଦ ଥିଲା ପ୍ରାର୍ଥନା ସମ୍ବନ୍ଧିତ ଏକ ଧର୍ମଶାସ୍ତ୍ର । ସାମ୍ ବେଦ, ଜଜୁର ବେଦ ଏବଂ ଅଥର୍ବ ବେଦ ପରି ଅନ୍ୟ ତିନିଗୋଟି ଧର୍ମ ଶାସ୍ତ୍ରରେ ପ୍ରାର୍ଥନା, କର୍ମକାଣ୍ଡ, ଇନ୍ଦ୍ରଜାଲ ଏବଂ ପୌରାଣିକ ଗଳ୍ପର ବର୍ଣ୍ଣନା ଦେଖିବାକୁ ମିଳେ । ଉପନିଷଦଗୁଡ଼ିକରେ ଆତ୍ମା ଓ ପରମାତ୍ମା ଉପରେ ଦାର୍ଶନିକ ତତ୍ତ୍ୱ ସମ୍ବନ୍ଧୀୟ ଆଲୋଚନାର ବିଷୟବସ୍ତୁ ଦେଖିବାକୁ ମିଳେ । ତେଣୁ ସେଗୁଡ଼ିକୁ 'ବେଦାନ୍ତ' କୁହାଯାଏ ।

ରାମାୟଣ ଓ ମହାଭାରତ ପରି ଦୁଇଟି ମହାନ ପୌରାଣିକ ଗ୍ରନ୍ଥ ୪୦୦ ଖ୍ରୀ:ଅ:ରେ ରଚିତ ହୋଇଥିବା ଜଣାଯାଏ । ବ୍ୟାସ ଋଷି ମହାଭାରତ ରଚନା କରିଥିଲେ । ଏହାର ମୂଳ ରଚନାରେ



ଟିପ୍ପଣୀ

୮,୮୦୦ଟି ସର୍ଗ ଥିଲା । ଏହାକୁ ମଧ୍ୟ 'ଜୟଗୀତା' କୁହାଯାଉଥିଲା । ପରବର୍ତ୍ତୀ ସମୟରେ ଏଥିରେ ୨୪,୦୦୦ ସର୍ଗ ରହିଲା ଏବଂ ଏହାକୁ ମହାଭାରତ କୁହାଗଲା । କାରଣ ପ୍ରାଚୀନ ବୈଦିକ ଜାତି ମଧ୍ୟରୁ ଭାରତ ନାମ ଧେୟ ଏକ ଜାତିର କୃତିତ୍ୱକୁ ଆଧାର କରି ଏହା ରଚିତ ହୋଇଥିଲା । ପୁନଶ୍ଚ ଏହାର କଳେବର ପ୍ରସାରିତ ହୋଇ ଏଥିରେ ଏକଲକ୍ଷ ସର୍ଗ ରହିଲା ଏବଂ ଏହାକୁ ମହାଭାରତ କୁହାଗଲା । ସେହିପରି ବାଲ୍ମିକୀଙ୍କ ରଚିତ 'ରାମାୟଣ'ରେ ୬,୦୦୦ ସର୍ଗ ରହିଥିଲା । କିନ୍ତୁ ଏହା ମଧ୍ୟ ପ୍ରସାରିତ ହୋଇ ପ୍ରଥମେ ୧୨,୦୦୦ ସର୍ଗ ଏବଂ ଏହା ପୁନଃ ବିସ୍ତାରିତ ହୋଇ ୨୪,୦୦୦ ସର୍ଗ ସମ୍ବନ୍ଧିତ ହୋଇଥିଲା ।

ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ ପରେ ପରବର୍ତ୍ତୀ ବୈଦିକ ଯୁଗରେ ବିଭିନ୍ନ ପ୍ରଥା ସମ୍ବନ୍ଧୀୟ ନୈତିକ ମୂଲ୍ୟବୋଧ ସମ୍ବଳିତ ଆଧାତ୍ମିକ ଶାସ୍ତ୍ର ରଚିତ ହୋଇଥିଲା । ସେଗୁଡ଼ିକୁ 'ସୂତ୍ର' କୁହାଯାଏ । 'ସ୍ରୁହୃତ ସୂତ୍ର'ର ବର୍ଣ୍ଣନା ଅନୁଯାୟୀ ସେ ସମୟରେ ରାଜାମାନେ ମହାନ ଯଜ୍ଞ ପ୍ରଭୃତିର ଆୟୋଜନ କରୁଥିଲେ । ସେହିପରି 'ଗୃହସୂତ୍ର'ର ବର୍ଣ୍ଣନା ଅନୁଯାୟୀ ସାମାଜିକ ସ୍ତରରେ ଜନ୍ମୋତ୍ସବ, ନାମକରଣ, ବ୍ରତୋପନୟନ, ବିବାହଉତ୍ସବ ଏବଂ ମୃତକ୍ରୀୟା ଇତ୍ୟାଦି ପାଳନ କରାଯାଉଥିଲା । ଏହି ଶାସ୍ତ୍ର ଖ୍ରୀ:ପୂ: ୬୦୦ରୁ ଖ୍ରୀ:ପୂ: ୩୦୦ ମଧ୍ୟରେ ରଚନା କରାଯାଇଥିଲା ।

ଜୈନ ଧର୍ମଶାସ୍ତ୍ର ଏବଂ ବୌଦ୍ଧ ଧର୍ମଶାସ୍ତ୍ରରେ ଐତିହାସିକ ବ୍ୟକ୍ତିବିଶେଷଙ୍କର କୃତିତ୍ୱ ଏବଂ ଘଟଣାବଳୀ ସମ୍ବନ୍ଧୀୟ ତଥ୍ୟ ଦେଖିବାକୁ ମିଳେ । ପ୍ରଥମ ବୌଦ୍ଧଗ୍ରନ୍ଥ ପାଲି ଭାଷାରେ ରଚିତ ହୋଇଥିଲା । ଏହାକୁ ତ୍ରିପିଟକ (ତିନୋଟିପେଡ଼ି) କୁହାଯାଏ । ଯଥା- ସୂତପିଟକ, ବିନୟ ପିଟକ ଏବଂ ଅଭିଧର୍ମ, ପିଟକ । ଅନ୍ୟ ଏକ ବୌଦ୍ଧଗ୍ରନ୍ଥ 'ଜାତକ' ରୂପେ ପରିଚିତ । ସେଥିରେ ବୁଦ୍ଧଙ୍କର ପୂର୍ବଜନ୍ମର କାହାଣୀ ବର୍ଣ୍ଣିତ ହୋଇଅଛି । ବିଶ୍ୱାସ କରାଯାଏ ଯେ ସେ ଗୌତମ ହୋଇ ଜନ୍ମ ହେବା ପୂର୍ବରୁ ୫୫୦ ଥର ଜନ୍ମନେଇଥିଲେ । ତାଙ୍କର ପ୍ରତ୍ୟେକ ଥର ଜନ୍ମ ନେବାର କାହାଣୀ 'ଜାତକ' ରୂପେ ବିବେଚିତ । ଏହି ଗଳ୍ପଗୁଡ଼ିକ ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀରୁ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ତତ୍‌କାଳୀନ ସାମାଜିକ ଓ ଅର୍ଥନୀତିକ ଅବସ୍ଥା ଉପରେ ଆଲୋକପାତ କରିଥାଏ । ଜୈନଧର୍ମଗ୍ରନ୍ଥଗୁଡ଼ିକ ପ୍ରକ୍ରିତି ଭାଷାରେ ରଚିତ ହୋଇଥିଲା । ଏହା ଷଷ୍ଠ ଖ୍ରୀଷ୍ଟାବ୍ଦରେ ଗୁଜୁରାଟର ବଲ୍ଲଭିଠାରେ ପୁନଃ ସଂକଳିତ ହୋଇଥିଲା । ଏହାକୁ 'ଅଙ୍ଗ' କୁହାଯାଏ ଏବଂ ଏଥିରେ ଜୈନ ଧର୍ମର ଦାର୍ଶନିକ ତତ୍ତ୍ୱମାନ ଆଲୋଚନା କରାଯାଇଛି ।

## 1.3 SECULARLTERATURE - ଧର୍ମନିରପେକ୍ଷ ସାହିତ୍ୟ

ଧର୍ମନିରପେକ୍ଷ ସାହିତ୍ୟର ଭିତ୍ତିଭୂମି ଧର୍ମ ଉପରେ ପର୍ଯ୍ୟବେଶିତ ନଥିଲା । ଏହି ଶାସ୍ତ୍ରଗୁଡ଼ିକରେ ବିଭିନ୍ନ ସାମାଜିକ ସଂପ୍ରଦାୟର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ମିଳେ । ଏହି ଶାସ୍ତ୍ରଗୁଡ଼ିକରେ ଚୋରୀ, ହତ୍ୟା, କୁଚରିତ୍ର ପାଇଁ ଅଭିଯୁକ୍ତଙ୍କୁ ଦଣ୍ଡଦେବାର ବ୍ୟବସ୍ଥା ବର୍ଣ୍ଣନା କରାଯାଇଥିଲା । ଏହି ନ୍ୟାୟ ସମ୍ବନ୍ଧିତ ପ୍ରଥମ ଶାସ୍ତ୍ର ଥିଲା 'ମନୁସ୍ମୃତି' । ଇଂରେଜ୍‌ମାନେ ପ୍ରଥମେ ଏହି ପୁସ୍ତକର ଅନୁବାଦ କରିଥିଲେ ଏବଂ ଏହା ହିନ୍ଦୁ ଆଇନର ଆଧାର ରୂପେ ବିବେଚିତ ହେଲା । କୌଟିଲ୍ୟଙ୍କର 'ଅର୍ଥଶାସ୍ତ୍ର' ମୌର୍ଯ୍ୟ ଶାସନର ଅର୍ଥନୈତିକ ଓ ରାଜନୈତିକ ଅବସ୍ଥା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାଏ । 'ବ୍ୟାକରଣ'ର ବର୍ଣ୍ଣନା ମଧ୍ୟ ଇତିହାସ ରଚନା ପାଇଁ ଏକ ଉପାଦେୟ ତଥ୍ୟ ସମ୍ବଳିତ ଶାସ୍ତ୍ର ଥିଲା । ବ୍ୟାକରଣ ଉପରେ ସର୍ବପ୍ରଥମ ଓ ସର୍ବପ୍ରଧାନ ପୁସ୍ତକ 'ଅଷ୍ଟାଧାୟୀ' ପାଣିନୀଙ୍କ ଦ୍ୱାରା ରଚିତ ହୋଇଥିଲା । ବିଶେଷଜ୍ଞମାନଙ୍କ ମତରେ ଖ୍ରୀ:ପୂ: ୭୦୦ ବେଳକୁ ଏହା ରଚିତ ହୋଇଥିଲା ।

ଗୁପ୍ତ ବଂଶର ରାଜତ୍ୱ କାଳରେ କାଳିଦାସଙ୍କ ରଚିତ କବିତା ଓ ନାଟକ ତତ୍‌କାଳୀନ ସାରସତ୍ତ୍ୱ ଜଗତକୁ ଉଦ୍‌ଭାଷିତ କରିଥିଲା । ତାଙ୍କ ରଚିତ କାବ୍ୟ ଓ ନାଟକ ମଧ୍ୟରେ ପ୍ରସିଦ୍ଧ ଥିଲେ 'ଅଭିଜ୍ଞାନ ସକୁନ୍ତଳମ୍' । 'ଋତୁସଂହାର', ଏବଂ 'ମେଘଦୂତ' । ଏହି ଅମୂଲ୍ୟ ରଚନାଗୁଡ଼ିକ ଗୁପ୍ତଯୁଗର ସାମାଜିକ ଓ ସାଂସ୍କୃତିକ ଜୀବନ ଉପରେ ଆଲୋକପାତ କରିଥାଏ । ଦ୍ୱାଦଶ ଶତାବ୍ଦୀରେ କଲହଣଙ୍କ ରଚିତ 'ରାଜତରଙ୍ଗୀଣି' କାଶ୍ମିରର ଇତିହାସ ସମ୍ପର୍କିତ ଏକ ପ୍ରଧାନ ଶାସ୍ତ୍ର । ଇତିହାସ ରଚନା କରିବା



ଟିପ୍ପଣୀ

ପାଇଁ 'ଆତ୍ମଚରିତ' ଗୁଡ଼ିକ ଧର୍ମନିରପେକ୍ଷ ଶାସ୍ତ୍ର ରୂପେ ବିବେଚନା କରାଯାଏ । ସେଗୁଡ଼ିକ ରାଜପୃଷ୍ଠପୋଷକତା ଲାଭ କରୁଥିବା ରାଜକବିମାନଙ୍କ ଦ୍ୱାରା ରଚିତ ହୋଇଥାଏ । ଯେହେତୁ ଏହି କବିମାନେ ରାଜାଙ୍କର ପୃଷ୍ଠପୋଷକତା ଲାଭକରୁଥିଲେ, ସେମାନେ ପୃଷ୍ଠପୋଷକମାନଙ୍କ କଥାକୁ ଅତିରଞ୍ଜିତ କରି ଲେଖିବା ସ୍ୱାଭାବିକ୍ ଥିଲା । ତେଣୁ ସେଗୁଡ଼ିକ ଅଧ୍ୟୟନ କଲାବେଳେ ସେ ଦିଗ ପ୍ରତି ଦୃଷ୍ଟିଦେବା ଆବଶ୍ୟକ । ସେହିପରି ଏକ ପ୍ରଧାନ ଗ୍ରନ୍ଥ ହେଉଛି ବାଣଭଟ୍ଟଙ୍କ ରଚିତ 'ହର୍ଷଚରିତ' । ଏହି ପୁସ୍ତକରେ ହର୍ଷବର୍ଦ୍ଧନଙ୍କୁ ଅତିରଞ୍ଜିତ କରି ପ୍ରଶଂସା କରାଯାଇଛି ।

ସର୍ବପ୍ରଥମ ଦକ୍ଷିଣ ଭାରତୀୟ ସାହିତ୍ୟକୁ 'ସଙ୍ଗମ' ସାହିତ୍ୟ କୁହାଯାଏ । ଏହା ତାମିଲି ଭାଷାରେ ରଚିତ ହୋଇଥିଲା ଏବଂ ଏହି ସାହିତ୍ୟରେ ଧର୍ମନିରପେକ୍ଷତା ପ୍ରତିଫଳିତ ହୋଇଛି । ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ପ୍ରଥମ ଚାରିବର୍ଷ ମଧ୍ୟରେ ଏହି ତାମିଲି ଲେଖକମାନେ ମିଳିତ ଭାବରେ ରଚନା କାର୍ଯ୍ୟ କରିଥିଲେ । ସେମାନେ ଶାସନମୁଖ୍ୟ ବା ରାଜାଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ଏହି ଶାସ୍ତ୍ର ତତ୍‌କାଳୀନ ବୀରମାନଙ୍କ କୃତିତ୍ୱ ଉପରେ ରଚିତ ଛୋଟ ଏବଂ ବଡ଼ ପ୍ରଶଂସାବ୍ୟଞ୍ଜକ କବିତାରେ ପରିପୂର୍ଣ୍ଣ । ସମ୍ଭବତଃ ଏଗୁଡ଼ିକ ରାଜସଭାରେ ଆବୃତ୍ତି କରାଯାଉଥିଲା । ତାମିଲ ପୁରାଣ ଯଥା- 'ଶିଲ୍ପାଦିକରମ୍' ଏବଂ 'ମାନିମେକାଳୀ' ମଧ୍ୟ ଏହାର ଅନ୍ତର୍ଭୁକ୍ତ ଅଟେ । ଖ୍ରୀ:ପୂ: ୩୦୦ରୁ ୩୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦକ୍ଷିଣ ଭାରତୀୟ ସାମାଜିକ, ଅର୍ଥନୀତିକ ଏବଂ ରାଜନୈତିକ ଅବସ୍ଥା ଉପରେ ସଂଗମ ସାହିତ୍ୟ ଏକ ମୁଖ୍ୟ ଉପାଦାନରୂପେ ଆଲୋକ ପ୍ରଦାନ କରିଥାଏ । ପତ୍ନତତ୍ତ୍ୱ ଖନନ ଏବଂ ବୈଦେଶିକ ବିବରଣୀ ଅନୁଯାୟୀ ସଂଗମ ସାହିତ୍ୟରେ ବର୍ଣ୍ଣିତ ଘଟଣାବଳୀକୁ ବିଶେଷଜ୍ଞମାନେ ସର୍ବସମ୍ମତିକ୍ରମେ ଗ୍ରହଣ କରିନେଇଛନ୍ତି ।

## INTEXTQUESTIONS 1.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଚାରିଗୋଟି ବେଦର ନାମ ଲେଖ ?

   (i) ____________ (ii) ____________ (iii) ____________ (iv) ____________

2. ସଂସ୍କୃତ ବ୍ୟାକରଣ ଉପରେ ପ୍ରଥମ ପୁସ୍ତକର ନାମ କ'ଣ ?

   ________________________________________

3. ଜାତକ ଗୁଡ଼ିକ କ'ଣ ?

   ________________________________________

4. ଦକ୍ଷିଣଭାରତୀୟ ସଂଗମ ସାହିତ୍ୟ କେଉଁ ଭାଷାରେ ରଚିତ ହୋଇଥିଲା ?

   ________________________________________

5. ଉପନିଷଦଗୁଡ଼ିକ କ'ଣ ?

   ________________________________________

## 1.4 NON-LTTERARY SOURCES - ଅନ୍ୟାନ୍ୟ ଉପାଦାନ

### INSCRIPTIONS - ଅଭିଲେଖ

କଠିନ ପଦାର୍ଥ ଉପରେ ଖୋଦିତ ଲେଖାକୁ ଅଭିଲେଖ କୁହାଯାଏ । ଏହି ଲେଖାଗୁଡ଼ିକ ଦୀର୍ଘସ୍ଥାୟୀ ଥିଲା । ଏହା ମୁଖ୍ୟତଃ ପ୍ରସ୍ତର, ଧାତୁ କିମ୍ବା ଟେରାକୋଟା, ଉପରେ ଉତ୍କୀର୍ଣ୍ଣ ହେଉଥିଲା । ଅଭିଲେଖ ପଠନ ବିଦ୍ୟାକୁ ଏପିଗ୍ରାଫି (epigraphy) କୁହାଯାଏ । ପ୍ରଥମେ ଅଭିଲେଖଗୁଡ଼ିକ ପ୍ରସ୍ତର ଉପରେ ଖୋଦନ କରାଯାଉଥିଲା । ପ୍ରାଚୀନ ଭାରତର ରାଜା ମହାରାଜାମାନେ ସେମାନଙ୍କର କୃତିତ୍ୱକୁ ସ୍ମରଣୀୟ ରଖିବା ପାଇଁ ଅଭିଲେଖ ମାଧ୍ୟମରେ ନିଜ ନିଜର ଗୁଣ ଗାରିମା ବର୍ଣ୍ଣନା କରୁଥିଲେ । ଧର୍ମ

ଉଦ୍ଦେଶ୍ୟରେ ପୁରୁଷ ଏବଂ ନାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଜ୍ଞାନ ତଥା ଶାସକମାନଙ୍କର ବୀରତ୍ୱ କାହାଣୀମାନ ଆମେ ଅଭିଲେଖ ଅଧ୍ୟୟନରୁ ଜାଣିବାକୁ ପାଉ । ଯେଉଁ ଅଭିଲେଖଗୁଡ଼ିକ ପୃଷ୍ଠପୋଷକ ରାଜାଙ୍କର ପ୍ରଶଂସାଗାନ କରି ରାଜକବିମାନେ ରଚନା କରିଛନ୍ତି, ସେଗୁଡ଼ିକୁ 'ପ୍ରଶସ୍ତୀ' କୁହାଯାଏ । କେତେକ ଅଭିଲେଖରେ ସିଂହାସନ ଆରୋହଣର ସମୟ ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ । ପୁରାତନ ଅଭିଲେଖ ଉପରେ ବର୍ଣ୍ଣିତ ତଥ୍ୟର ଅଧ୍ୟୟନକୁ 'ପାଲିଓଗ୍ରାଫି' (paleography) କୁହାଯାଏ । ପ୍ରାଚୀନ ଅଭିଲେଖଗୁଡ଼ିକ ସାଧାରଣ ଲୋକଙ୍କ ଦ୍ୱାରା ପ୍ରଚଳିତ 'ପ୍ରାକୃତ' ନାମକ ଆଞ୍ଚଳିକ ଭାଷାରେ ରଚିତ ହୋଇଥିଲା । ପରବର୍ତ୍ତୀ ସମୟରେ ତାମିଲ ଓ ସଂସ୍କୃତ ଭାଷାରେ ଅଭିଲେଖଗୁଡ଼ିକ ଉତ୍କୀର୍ଣ୍ଣ ହୋଇଥିଲା ।

ମୌର୍ଯ୍ୟ ସମ୍ରାଟ ଅଶୋକ ସର୍ବପ୍ରଥମେ ଅଭିଲେଖର ଆରମ୍ଭ କରିଥିଲେ । ତାଙ୍କର ଅଧିକାଂଶ ଅଭିଲେଖ ପ୍ରାକୃତ ଭାଷା ଏବଂ ବ୍ରାହ୍ମି ଲିପିରେ ଲେଖାଯାଇଥିଲା । ଉତ୍ତରପଶ୍ଚିମ ଭାରତରେ ଅଶୋକଙ୍କ ଶୀଳାଲେଖଗୁଡ଼ିକ ଖରୋଷ୍ଠି ଲିପିରେ ଲେଖାଯାଇଥିଲା । ଆଫଗାନିସ୍ତାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଅଶୋକ ତାଙ୍କ ଅଭିଲେଖଗୁଡ଼ିକ ଆରମାଇକ୍ ଏବଂ ଗ୍ରୀକ୍ ଲିପିରେ ଉତ୍କିର୍ଷ୍ଣ କରିଥିଲେ । ପାଶ୍ଚାତ୍ୟ ବିଦ୍ୱାନ ଜେମସ୍ ପ୍ରିନ୍‌ସେପ୍ ୧୮୩୭ ଖ୍ରୀଷ୍ଟାବ୍ଦରେ ଅଶୋକଙ୍କ ଅଭିଲେଖ ଅକ୍ଷରଗୁଡ଼ିକ ପାଠ କରିବାରେ ସଫଳତା ହାସଲ କରିଥିଲେ । ବ୍ରିଟିଶ୍ ରାଜତ୍ୱ ସମୟରେ ସେ ଜଣେ ଇଂରେଜ କର୍ମଚାରୀ ରୂପେ କାର୍ଯ୍ୟରତ ଥିଲେ । ହିନ୍ଦୀ ଭାଷା ପରି ବ୍ରାହ୍ମି ଲିପି ବାମରୁ ଡାହାଣକୁ ଲେଖାଯାଉଥିଲା । କିନ୍ତୁ ଖରୋଷ୍ଠି ଲିପିରେ ଅକ୍ଷରଗୁଡ଼ିକ ଡାହାଣରୁ ବାମକୁ ଲେଖାଯାଉଥିଲା । ଅଶୋକଙ୍କର ଶିଳାଲେଖଗୁଡ଼ିକ ଅଶୋକଙ୍କ ଧର୍ମ ଓ ଶାସନବ୍ୟବସ୍ଥା ଉପରେ ଅନେକ ସୂଚନା ପ୍ରଦାନ କରିଥାଏ । ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରୁ ରାଜାମାନେ ଧାର୍ମିକ ବ୍ୟକ୍ତିମାନଙ୍କୁ ଜମିପଟ୍ଟା ପ୍ରଦାନ କରିବା ଆରମ୍ଭ କରିଥିଲେ । ଦାକ୍ଷିଣାତ୍ୟର ସାତବାହନ ବଂଶର ରାଜାମାନେ ସର୍ବପ୍ରଥମେ ଏହି ଦାନପତ୍ର ପ୍ରଦାନ କରିଥିଲେ । ଏହି ଦାନପତ୍ର ଆମ୍ଭମାନଙ୍କୁ ତତ୍‌କାଳୀନ ଆଧାତ୍ମିକ ଅବସ୍ଥା ତଥା ଆର୍ଥିକ ଅବସ୍ଥା ଉପରେ ତଥ୍ୟ ପ୍ରଦାନ କରିଥାଏ । କେତେକ ଅଭିଲେଖ ଶୀଳା ଉପରେ ଉତ୍କୀର୍ଣ୍ଣ ହୋଇଥିଲା ବେଳେ ଅଧିକାଂଶ ତାମ୍ରପଟ୍ଟା ଉପରେ ଉତ୍କୀର୍ଣ୍ଣ ହୋଇଥିଲା । ଏହି ଉତ୍କୀର୍ଣ୍ଣ ତାମ୍ର ପଟ୍ଟାଗୁଡ଼ିକ ସ୍ଥାୟୀ ପ୍ରମାଣପତ୍ର ରୂପେ ଭବିଷ୍ୟତରେ ସହାୟକ ହେଉଥିଲା ।

ସେ ଯାହାହେଉ, ଅଭିଲେଖ ଉପାଦାନରେ କେତେକ ଦୋଷତ୍ରୁଟି ପରିଲିଖିତ ହୁଏ । ଉଦାହରଣ ସ୍ୱରୂପ, କେତେକ ଅଭିଲେଖରେ ଉତ୍କୀର୍ଣ୍ଣ ଅକ୍ଷରଗୁଡ଼ିକ ପରିଷ୍କାର ହୋଇନଥାଏ । ଫଳରେ ଏହାକୁ ସଠିକ୍ ଭାବରେ ପଠନ କରିହୁଏ ନାହିଁ । କେତେକ ଶୀଳାଲେଖ ସମୟକ୍ରମେ ନଷ୍ଟ ଅବସ୍ଥାକୁ ଆସିଯାଇଥାଏ ଏବଂ କେତେକ ଅକ୍ଷର କାଳକ୍ରମେ ଲିଭିଯାଇଥାଏ । ଏତଦ୍‌ବ୍ୟତୀତ, ଶୀଳାଲେଖରେ ଖୋଦିତ ଅକ୍ଷରଗୁଡ଼ିକର ଆକ୍ଷରିକ ଅର୍ଥ ବାହାର କରିବା ସହଜ ହୋଇନଥାଏ ।

## INTEXTQUESTIONS 1.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଅଭିଲେଖ ପଠନକୁ କ'ଣ କୁହାଯାଏ ?

_______________________________________________

2. ପ୍ରଶସ୍ତି କହିଲେ କ'ଣ ବୁଝ ?

_______________________________________________

3. ପାଲିଓଗ୍ରାଫିର ସଂଜ୍ଞା ନିରୂପଣ କର ?

_______________________________________________

4. ଅଶୋକଙ୍କର ଅଧିକାଂଶ ଶିଳାଲେଖ କେଉଁ ଲିପିରେ ରଚିତ ହୋଇଥିଲା ?

_______________________________________________



ଟିପ୍ପଣୀ



## 1.5 COINS - ମୁଦ୍ରା

ମୁଦ୍ରା ଅଧ୍ୟୟନ ବିଦ୍ୟାକୁ ମୁଦ୍ରାତତ୍ତ୍ୱ (numismatics) କୁହାଯାଏ । ଏହି ମୁଦ୍ରାଗୁଡ଼ିକରେ ଥିବା ଦେବାଦେବୀମାନଙ୍କର ମୂର୍ତ୍ତି ସମାଜରେ ପ୍ରଚଳିତ ତତ୍‌କାଳୀନ ଆଧାତ୍ମିକ ଅବସ୍ଥା ଉପରେ କେବଳ ଧାରଣା ପ୍ରଦାନ କରିନଥିଲା, ଏହା ମଧ ବିଭିନ୍ନ ଧାତୁ ବିଷୟରେ ଅଶେଷ ଜ୍ଞାନ ପ୍ରଦାନ କରିଥିଲା । ମୁଦ୍ରାଗୁଡ଼ିକ ସାଧାରଣତଃ ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ଧାତୁରେ ନିର୍ମିତ ହେଉଥିଲା । ପ୍ରାଚୀନ ଭାରତର ମୁଦ୍ରାଗୁଡ଼ିକ ମଧରେ ସର୍ବ ପ୍ରାଚୀନ ମୁଦ୍ରାଗୁଡ଼ିକରେ କେତେକ ସଂକେତ ଦେଖିବାକୁ ମିଳେ । ସେଗୁଡ଼ିକକୁ ଛାପାଯୁକ୍ତ ବା ଆହତ ମୁଦ୍ରା (Punch-marked coin) କୁହାଯାଏ । ସେଗୁଡ଼ିକ ରୌପ୍ୟ ଏବଂ ତାମ୍ର ଧାତୁରେ ନିର୍ମିତ ହୋଇଥିଲା । ଶାସକମାନଙ୍କର ନାମ ଓ ପ୍ରତିଛବି ଥାଇ ପ୍ରଥମ ମୁଦ୍ରା ଇଣ୍ଡୋ-ଗ୍ରୀକ୍ ଶାସକମାନେ ପ୍ରଚଳନ କରିଥିଲେ । ସେମାନେ ଭାରତର ଉତ୍ତର-ପଶ୍ଚିମ ଭାଗରେ ଶାସନ କରୁଥିଲେ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ କୁଶାଣମାନେ ସର୍ବପ୍ରଥମେ ସ୍ୱର୍ଣ୍ଣମୁଦ୍ରାର ବ୍ୟବହାର କରିଥିଲେ । ଗୁପ୍ତଯୁଗରେ କେତେକ ଦର୍ଶନୀୟ ସ୍ୱର୍ଣ୍ଣମୁଦ୍ରାର ପ୍ରଚଳନ ହୋଇଥିଲା ।

ମୁଦ୍ରା ପ୍ରଚଳିତ ସମୟର ଅର୍ଥନୈତିକ ଅବସ୍ଥା ସମ୍ବନ୍ଧରେ ଉତ୍ତମ ଓ ଉପଯୋଗୀ ତଥ୍ୟ ପ୍ରଦାନ କରିଥାଏ । କାରଣ ମୁଦ୍ରାଗୁଡ଼ିକ ସାଧାରଣତଃ ବିନିମୟ ମାଧମ ରୂପେ ବ୍ୟବହୃତ ହେଉଥିଲା । କେତେକ କ୍ଷେତ୍ରରେ ଶାସକମାନଙ୍କ ଅନୁମତି କ୍ରମେ ବଣିକ ନିଗମମାନ ମୁଦ୍ରା ପ୍ରଚଳନ କରୁଥିଲେ । ତେଣୁ ସେ ସମୟର ପ୍ରଭାବ ବିସ୍ତାରକାରୀ ବ୍ୟବସାୟ ଓ ବାଣିଜ୍ୟ ସମ୍ବନ୍ଧରେ ସୂଚନା ମୁଦ୍ରାରୁ ମିଳିଥାଏ । ବିଭିନ୍ନ ମୁଦ୍ରାରେ ଅଙ୍କିତ ରାଜା, ଦେବାଦେବୀ, ତଥା ଧର୍ମୀୟ ସଙ୍କେତ ତତ୍‌କାଳୀନ କଳା ଓ ଧର୍ମ ଉପରେ ଆଲୋକପାତ କରିଥାଏ ।

### INTEXTQUESTIONS 1.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମୁଦ୍ରା ଅଧ୍ୟୟନକୁ କ'ଣ କୁହାଯାଏ ?

___

2. ଛାପାଯୁକ୍ତ ମୁଦ୍ରା କେଉଁ ଧାତୁରେ ନିର୍ମିତ ହୋଇଥିଲା ?

___

3. କେଉଁ ରାଜବଂଶ ପ୍ରଥମେ ଭାରତରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ ?

___

## 1.6 ARCHAEOLOGY- ପ୍ରତ୍ନତତ୍ତ୍ୱ

ପ୍ରତ୍ନତତ୍ତ୍ୱ ସାହାଯ୍ୟରେ ଅତୀତର ଭଗ୍ନାବଶେଷକୁ ଆମେ ଅଧ୍ୟୟନ କରିପାରିବା । ପ୍ରତ୍ନତତ୍ତ୍ୱ ଏକ ବୈଜ୍ଞାନିକ ପଦ୍ଧତି ଯାହା ସାହାଯ୍ୟରେ ଆମେ କ୍ରମାନୁସାରେ ସ୍ତରରୁ ସ୍ତର ଭୂଖନନ କରି ବିଭିନ୍ନ ବିଷୟରେ ଆବିଷ୍କାର ଓ ଅନୁଧାନ କରି ତତ୍‌କାଳୀନ ଜନସାଧାରଣଙ୍କ ଜୀବନୀ ଉପରେ ଜ୍ଞାନ ଆହରଣ କରିପାରିବା । ପ୍ରାକ୍ ଐତିହାସିକ ଘଟଣା ଜାଣିବା ପାଇଁ ପ୍ରତ୍ନତତ୍ତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରାକ୍ ଐତିହାସିକ ସମୟ କହିଲେ ଲେଖନ ପ୍ରଣାଳୀ ଉଦ୍ଭାବନ ହେବାର ପୂର୍ବବର୍ତ୍ତୀ ସମୟକୁ ବୁଝାଏ । ଇତିହାସ ବସ୍ତୁତଃ ଲିଖିତ ଉପାଦାନ ଉପରେ ଆଧାରିତ । ଖ୍ରୀ:ପୂ: ୨୫୦୦ ବେଳକୁ ସିନ୍ଧୁସଭ୍ୟତାରେ ଲିପି ଉଦ୍ଭାବିତ ହୋଇଥିଲା । କିନ୍ତୁ ଅଦ୍ୟାବଧି ଏହି ଲିପିର ପାଠୋଦ୍ଧାର ହୋଇପାରି ନାହିଁ । ଯଦିଓ ହରପ୍ପା ଅଧିବାସୀମାନେ ଲେଖିବା ଜାଣିଥିଲେ କିନ୍ତୁ ଐତିହାସିକମାନେ ଏହାକୁ ପଢ଼ିବାକୁ ଅସମର୍ଥ । ପ୍ରଥମ ଲିପି ଯାହାକି ପାଠ କରାଯାଇପାରିଲା, ତାହା ହେଉଛି ବ୍ରାହ୍ମି ଲିପି । ଏହି ଲିପି ଅଶୋକଙ୍କ ଶୀଳାଲେଖରେ ଦେଖିବାକୁ ମିଳେ । ଏହା ଥିଲା ଖ୍ରୀ:ପୂ: ତୃତୀୟ ଶତାବ୍ଦୀର କଥା ।

ପ୍ରତ୍ନତତ୍ତ୍ୱ ଖନନ ଦ୍ୱାରା ସାତ ଲକ୍ଷ ବର୍ଷ ତଳୁ ମନୁଷ୍ୟ ବ୍ୟବହାର କରୁଥିବା ବିଭିନ୍ନ ଯନ୍ତ୍ରପାତି ଲୋକଲୋଚନକୁ ଆସିପାରିଛି । ହରପ୍ପା ସଭ୍ୟତାର ପ୍ରତ୍ନତତ୍ତ୍ୱ ଖନନ ପରେ ପ୍ରାଚୀନ ନଗରୀର ଧ୍ୱଂସାବଶେଷ, ବାସଗୃହ, ପୁରାତନ ଖପରା ଏବଂ ମନୁଷ୍ୟର ବ୍ୟବହୃତ ସାମଗ୍ରୀ ଇତ୍ୟାଦିର ସନ୍ଧାନ ମିଳିପାରିଛି । ଦକ୍ଷିଣ ଭାରତରେ କେତେକ ଲୋକ ସେମାନଙ୍କର ପ୍ରିୟ ବସ୍ତୁ, ଅସ୍ତ୍ରଶସ୍ତ୍ର, ମୃତ୍ତିକାପାତ୍ର ଏବଂ ଅନ୍ୟ ସହୋଦରଙ୍କ ସହିତ ବିଶାଳ ପ୍ରସ୍ତର ଖଣ୍ଡ ତଳେ ସମାଧି ନେଉଥିଲେ । ଏହି ସମାଧିସ୍ଥଳକୁ megliths ବା (ମେଗାଲିଥ୍‌ସି) କୁହାଯାଏ । ସେଗୁଡ଼ିକ ଖନନ ହେବାଦ୍ୱାରା ଖ୍ରୀ:ପୂ: ତୃତୀୟ ଶତାବ୍ଦୀ ପୂର୍ବରୁ ଦକ୍ଷିଣ ଭାରତୀୟ ଅଧିବାସୀମାନଙ୍କର ଜୀବନ ଧାରଣ ଉପରେ ଆମେ ଅନେକ ତଥ୍ୟ ପାଇଥାଉ ।

ଭୂଖନନ ଦ୍ୱାରା ଆବିଷ୍କୃତ ଧ୍ୱଂସାବଶେଷ ଗୁଡ଼ିକର ସମୟ ବିଭିନ୍ନ ପ୍ରଣାଳୀରେ ନିରୂପିତ ହୋଇଅଛି । ସେହି ପ୍ରଣାଳୀଗୁଡ଼ିକ ମଧ୍ୟରୁ ସର୍ବ ପ୍ରଧାନ ପ୍ରଣାଳୀ ହେଲା ରେଡିଓ କାର୍ବନ ବା କାର୍ବନ ୧୪ (ସି-୧୪) ସମୟ ନିର୍ଦ୍ଧାରଣ ପ୍ରଣାଳୀ । ପ୍ରତ୍ୟେକ ଜୀବନ୍ତ ବସ୍ତୁ ଦେହରେ (ସି-୧୪) ରହିଛି ଯେତେବେଳେ ଏହି ଜୀବନ୍ତ ବସ୍ତୁର ବିନାଶ ହୁଏ, ସେହି କ୍ରମରେ (ସି-୧୪)ର ମଧ ବିଲୟ ଘଟେ । ପୁରାତନ କାଷ୍ଠ କିମ୍ବା ଅସ୍ଥିରେ ଥିବା (ସି-୧୪)ର ମାତ୍ରାକୁ ମାପ କରି ଏହାର ସମୟସୀମା ନିର୍ଦ୍ଧାରଣ କରାଯାଏ । ସ୍ୱତନ୍ତ୍ର ଭାବେ (pollen analysis) ବା ପୋଲେନ୍ ବିଶ୍ଳେଷଣ ଦ୍ୱାରା ବୃକ୍ଷଲତା ଗୁଡ଼ିକର ପରୀକ୍ଷା କରାଯାଇ ଜଳବାୟୁ ଏବଂ କୃଷି ବିଷୟରେ ଆମେ ଜ୍ଞାନ ଆହରଣକରୁ ଏହି ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ, ଖ୍ରୀ:ପୂ: ୭୦୦୦ କିମ୍ବା ଖ୍ରୀ:ପୂ: ୬୦୦୦ ବେଳକୁ କାଶ୍ମୀର ଏବଂ ରାଜସ୍ଥାନରେ କୃଷିକାର୍ଯ୍ୟ ଚାଲୁଥିଲା । ଧାତୁ ନିର୍ମିତ ଉପକରଣ ଗୁଡ଼ିକ ମଧ ବୌଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରାଯାଇ ସେଗୁଡ଼ିକର ସମୟସୀମା ନିର୍ଦ୍ଧାରିତ ହୋଇଛି । ଏଥି ସହିତ ସେହି ଧାତୁଗୁଡ଼ିକ କେଉଁ ଖଣିରୁ ଉତ୍ତୋଳିତ ହୋଇଅଛି, ତାହା ମଧ ଜାଣିହେଉଛି । ଭୂତତ୍ତ୍ୱ ଅଧ୍ୟୟନ ଦ୍ୱାରା ଆମ୍ଭେ ମୃତ୍ତିକା ଏବଂ ପ୍ରସ୍ତର ଇତ୍ୟାଦି ବିଷୟରେ ଜାଣିବାକୁ ପାଇଥାଉ । ଏଥି ସହିତ ପ୍ରାକ୍ ଐତିହାସିକ ମାନବର ବାସସ୍ଥଳୀ ବିଷୟରେ ଜାଣିପାରିଛନ୍ତି । ମୃତ୍ତିକା, ଉଦ୍ଭିଦ ଜଗତ, ଜୀବଜଗତ ଏବଂ ପ୍ରାଣୀଜଗତ ଉପରେ ସଠିକ୍ ଭାବେ ଜ୍ଞାନ ଆହରଣ ନକଲେ, ମାନବ ଇତିହାସ ଠିକ୍ ଭାବରେ ବୁଝିପାରିବା ନାହିଁ । ଏସବୁକୁ ବିଚାରକୁ ନେଇ ଆମେ ଦେଖିପାରିବା ଯେ ପ୍ରତ୍ନତତ୍ତ୍ୱ ଧ୍ୱଂସାବଶେଷ, ଭୂତତ୍ତ୍ୱ ଓ ଜୀବଜଗତ ଉପରେ ଅଧ୍ୟୟନ ମାନବ ଇତିହାସର ପୂର୍ନଗଠନ ଏବଂ ଉନ୍ନତି ପାଇଁ ଏକ ପ୍ରଧାନ ଉପାଦାନ ରୂପେ ସହାୟକ ହୋଇଥାଏ ।

## INTEXTQUESTIONS 1.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପ୍ରତ୍ନତତ୍ତ୍ୱର ସଂଜ୍ଞା କ'ଣ ?

2. ରେଡିଓକାର୍ବନ୍ ପଦ୍ଧତି ବା ସି-୧୪ ପ୍ରଣାଳୀର ବ୍ୟବହାର କାହିଁକି କରାଯାଏ ?

## 1.7 ACCOUNTS OF FOREIGN TRAVELLERS - ବୈଦେଶିକ ବିବରଣୀ

ବୈଦେଶିକ ବିବରଣୀ ଦ୍ୱାରା ଲୌକିକ ସାହିତ୍ୟ ପରିପୁଷ୍ଟ ହୋଇଥିଲା । ଭାରତକୁ ବିଭିନ୍ନ ସମୟରେ ଗ୍ରୀକ୍, ରୋମୀୟ ଏବଂ ଚୀନ୍‌ର ଅଧିବାସୀମାନେ ରାଷ୍ଟ୍ରଦୂତ ଭାବେ କିମ୍ବା ପରିବ୍ରାଜକ ଭାବେ କିମ୍ବା ଧର୍ମଶାସ୍ତ୍ର ଅଧ୍ୟୟନ ପାଇଁ ଆସିଛନ୍ତି । ଭାରତରେ ସେମାନଙ୍କ ରହଣି କାଳରେ ସେମାନେ ସ୍ୱଚକ୍ଷୁରେ ଦେଖି ଯାହା ବର୍ଣ୍ଣନା କରିଛନ୍ତି ସେଗୁଡ଼ିକରେ ସତ୍ୟତା ବିଦ୍ୟମାନ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜସଭାକୁ ଗ୍ରୀକ୍ ରାଷ୍ଟ୍ରଦୂତ ମେଘାସ୍ଥିନିସ୍ ଆସିଥିଲେ । ସେ ତାଙ୍କର ବିବରଣୀକୁ 'ଇଣ୍ଡିକା' ନାମକ ପୁସ୍ତକରେ



ଟିପ୍ପଣୀ

ବର୍ଣ୍ଣନା କରିଛନ୍ତି । ଏହି ମୂଳ ପୁସ୍ତକଟି ସମ୍ପୂର୍ଣ୍ଣ ବିନଷ୍ଟ ହୋଇନଥିଲା । ଯେଉଁ କିଛି ଅଂଶ ଥିଲା, ତାକୁ ଆଧାର କରି ପରବର୍ତ୍ତୀ ଗ୍ରୀକ୍ ଲେଖକମାନେ ଏହାର ପୁନରୁଦ୍ଧାର କରିଛନ୍ତି । ଏହି ଦୁଇ ପୁସ୍ତକକୁ ଅଧ୍ୟୟନ କଲେ ମୌର୍ଯ୍ୟ ଶାସନର ସାମାଜିକ ଅବସ୍ଥା, ରାଜନୈତିକ ଅବସ୍ଥା ଏବଂ ଅର୍ଥନୈତିକ ଅବସ୍ଥା ଉପରେ ବହୁମୂଲ୍ୟବାନ ତଥ୍ୟ ମିଳିଥାଏ ।

ଗ୍ରୀକ୍ ଏବଂ ରୋମୀୟ ବିବରଣୀ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତ ଓ ରୋମ୍ ସାମ୍ରାଜ୍ୟ ମଧ୍ୟରେ ବାଣିଜ୍ୟିକ ସଂପର୍କ ବୃଦ୍ଧିପାଇଥିଲା । ଏହାର ବର୍ଣ୍ଣନା ଅନୁଯାୟୀ ଭାରତୀୟ ବନ୍ଦରଗୁଡ଼ିକୁ ଜାହାଜରେ ବିଭିନ୍ନ ଦ୍ରବ୍ୟ ରୋମ୍‌କୁ ରପ୍ତାନୀ କରାଯାଉଥିଲା । ଗ୍ରୀକ୍ ଭାଷାରେ ରଚିତ ପେରିପ୍ଲସଙ୍କ 'ଏରିଥ୍ରିନ୍ ସି' (Erythrean Sea) ଏବଂ ଟୋଲେମିଙ୍କ 'ଭୂଗୋଳ' (Geography) ପୁସ୍ତକରେ ଏହି ବାଣିଜ୍ୟ ବିଷୟରେ ମୂଲ୍ୟବାନ ତଥ୍ୟ ବର୍ଣ୍ଣନା କରାଯାଇଛି ।

ଚୀନ୍ ପରିବ୍ରାଜକମାନଙ୍କ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଫା-ହିଆନ ଏବଂ ହୁଏନ ସାଂ । ଉଭୟ ବୌଦ୍ଧଧର୍ମାବଲମ୍ବୀ ଥିଲେ । ସେମାନଙ୍କର ମୁଖ୍ୟ ଲକ୍ଷ୍ୟଥିଲା ଭାରତ ବୌଦ୍ଧ ତୀର୍ଥସ୍ଥାନଗୁଡ଼ିକ ପରିଦର୍ଶନ କରିବା ଏବଂ ବୌଦ୍ଧ ଧର୍ମ ବିଷୟରେ ଶିକ୍ଷାଲାଭ କରିବା । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଫା-ହିଆନ୍ ଭାରତକୁ ଆସିଥିଲେ । ଗୁପ୍ତବଂଶର ରାଜତ୍ୱ ସମୟରେ ଭାରତର ବିଭିନ୍ନ ଅବସ୍ଥା ଉପରେ ବିବରଣୀ ଲେଖିଯାଇ ଅଛନ୍ତି । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ହର୍ଷବର୍ଦ୍ଧନଙ୍କ ରାଜତ୍ୱ କାଳରେ ହୁଏନ୍‌ସାଂ ଭାରତକୁ ଆସିଥିଲେ । ସେ ମଧ୍ୟ ଫା- ହିଆନଙ୍କ ପରି ବିବରଣୀ ଲେଖିଅଛନ୍ତି । ନାଳନ୍ଦା ବିଶ୍ୱବିଦ୍ୟାଳୟର ମହନୀୟତା ଉପରେ ସେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି ।

**INTEXTQUESTIONS 1.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. କିଏ ଇଣ୍ଡିକା ରଚନା କରିଥିଲେ ?

_______________

2. କେଉଁ ଚୀନ୍ ପରିବ୍ରାଜକ ଭାରତକୁ ଆସିଥିଲେ, ତାଙ୍କ ନାମ ଲେଖ ?

_______________

3. କେଉଁ ଚୀନ୍ ପରିବ୍ରାଜକ ନାଳନ୍ଦା ବିଶ୍ୱବିଦ୍ୟାଳୟ ମହନୀୟତା ଉପରେ ଆଲୋକପାତ କରିଛନ୍ତି ?

_______________

## 1.8 CHANGING NOTIONS OF HISTORY- ଇତିହାସର ପରିବର୍ତ୍ତୀତ ଧାରଣା

ପାଶ୍ଚାତ୍ୟ ବିଶେଷଜ୍ଞମାନଙ୍କ ମତରେ ଭାରତୀୟ ଐତିହାସିକମାନେ ଇତିହାସ ରଚନା କରିବା ଜାଣିନଥିଲେ । କିନ୍ତୁ ଏହା ସତ୍ୟନୁହେଁ । ବାସ୍ତବରେ ଭାରତୀୟ ଐତିହାସିକମାନଙ୍କର ଇତିହାସ ରଚନା ପ୍ରଣାଳୀ ପାଶ୍ଚାତ୍ୟ ଐତିହାସିକମାନଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା । ପାଶ୍ଚାତ୍ୟ ଐତିହାସିକମାନେ କ୍ରମାନ୍ୱୟରେ ଘଟନାବଳୀ ଏବଂ ତଥ୍ୟ ଗୁଡ଼ିକୁ ସାଇତି ରଖିଥାନ୍ତି । କିନ୍ତୁ ଭାରତୀୟ ଐତିହାସିକମାନେ ଅଲଗା ପ୍ରକାର ରଚନା କରିଥାନ୍ତି । ପୁରାଣରେ ୪ଟି ଯୁଗ ବିଷୟରେ ବର୍ଣ୍ଣନା କରାଯାଇଛି । ସେଗୁଡ଼ିକ ହେଲା, ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି । ପ୍ରତ୍ୟେକ ଯୁଗର ରାଜବଂଶ ଏବଂ ରାଜାମାନଙ୍କ ଉପରେ ବିସ୍ତୃତ ବିବରଣୀ ପୁରାଣରେ ମିଳିଥାଏ । ଏତଦ୍‌ବ୍ୟତୀତ ଅସଂଖ୍ୟ ଶିଳାଲେଖଗୁଡ଼ିକ ଆବିଷ୍କୃତ ହେଲାପରେ ବିଭିନ୍ନ ରାଜବଂଶର ବଂଶାବଳୀ ଏବଂ ସେମାନଙ୍କର କୃତିତ୍ୱ ସମ୍ବନ୍ଧରେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିଛି । ଏଥିରୁ ଜଣାପଡ଼େ ଯେ ଭାରତୀୟ ଐତିହାସିକମାନଙ୍କର ସ୍ଥାନ ଏବଂ ସମୟ ଉପରେ ମୌଳିକ ଜ୍ଞାନ ରହିଥିଲା, ଯେଉଁଠାରେ ଘଟଣାଗୁଡ଼ିକ ସଂଘଠିତ ହେଉଥିଲା ।



ଟିପ୍ପଣୀ

୧୭୬୫ ଖ୍ରୀ:ଅ:ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବେଙ୍ଗଲ୍ ଏବଂ ବିହାରର ଶାସନ ଭାର ଗ୍ରହଣ କଲାପରେ ପ୍ରାଚୀନ ଭାରତର ଇତିହାସ ରଚନା କରିବା ପାଇଁ ଆଧୁନିକ ଗବେଷଣା ଆରମ୍ଭ ହେଲା । ହିନ୍ଦୁ ଆଇନ ତିଆରି କରିବା ପାଇଁ ୧୭୭୬ ଖ୍ରୀ:ଅ:ରେ ପୁରାତନ ଭାରତୀୟ ନ୍ୟାୟ ଶାସ୍ତ୍ର 'ମନୁସ୍ମୃତି'କୁ ଇଂରାଜୀରେ ଅନୁବାଦ କରାଗଲା । ଇଂରେଜମାନଙ୍କର ପୁରାତନ ହିନ୍ଦୁନ୍ୟାୟ ଶାସ୍ତ୍ର ଓ ପ୍ରଥା ଜାଣିବା ପାଇଁ ପ୍ରାରମ୍ଭିକ ପ୍ରଚେଷ୍ଟା ଫଳରେ ୧୭୮୪ରେ 'ଏସିଆଟିକ୍ ସୋସାଇଟ୍ ଅଫ୍ ବେଙ୍ଗଲ୍' 'Asiatic Society of Bengal' ପ୍ରତିଷ୍ଠା ହୋଇଥିଲା । ଏହିପରି ଅନେକ ଅନୁଷ୍ଠାନର ପ୍ରଚେଷ୍ଟା ଯୋଗୁଁ ବହୁ ଭାରତୀୟ ପୁରାତନ ଧର୍ମଶାସ୍ତ୍ର ଏବଂ ସାହିତ୍ୟ ଇଂରାଜୀ ଭାଷାରେ ଅନୁବାଦିତ ହେଲା । ମ୍ୟାକ୍ସ ମୁଲର ନାମକ ଜଣେ ଜର୍ମାନୀ ବିଶେଷଜ୍ଞ ଭାରତୀୟ ସଂସ୍କୃତିର ମହନୀୟତା ଉପରେ ଗୁରୁତ୍ୱ ଦେଇଥିଲେ । ଫଳରେ ଇଂରେଜମାନେ ଭାରତକୁ ଶାସନ କରିବା ପାଇଁ ଭାରତୀୟମାନଙ୍କ ସାମାଜିକ ଓ ନ୍ୟାୟିକ ବ୍ୟବସ୍ଥା ସମ୍ବନ୍ଧରେ ଜାଣିବାକୁ ଚାହିଁଲେ । ଏପରିକି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଭାରତରେ ଖ୍ରୀଷ୍ଟଧର୍ମର ପ୍ରଚାର ଓ ପ୍ରସାର ପାଇଁ ଏବଂ ଇଂରେଜମାନଙ୍କ ଶକ୍ତିକୁ ଦ୍ୱିଗୁଣିତ କରିବା ପାଇଁ ଭାରତୀୟମାନଙ୍କ ସମ୍ବନ୍ଧରେ ବହୁତ କିଛି ଜାଣିବା ପାଇଁ ଆଗ୍ରହ ପ୍ରକାଶ କଲେ । ଯେତେବେଳେ ଅନୁବାଦ ଆରମ୍ଭ ହେଲା, ପାଶ୍ଚାତ୍ୟ ବିଶେଷଜ୍ଞମାନେ ଭାରତୀୟଙ୍କ ରକ୍ଷଣଶୀଳ ମନୋଭାବ ଉପରେ ଲେଖା ଆରମ୍ଭକଲେ । ଭାରତୀୟମାନେ ସ୍ୱେଚ୍ଛାଚାରୀ ଶାସନ ସହିତ ଜଡ଼ିତ ବୋଲି ଉଲ୍ଲେଖ କଲେ ।

୧୯୦୪ ଖ୍ରୀ:ଅ:ରେ ଭିନ୍‌ସେଣ୍ଟ ସ୍ମିଥ୍ 'Earley History of India' 'ଆର୍‌ଲି ହିଷ୍ଟ୍ରି ଅଫ୍ ଇଣ୍ଡିଆ' ରଚନା କଲେ । ଏହି ପୁସ୍ତକ ଥିଲା ସର୍ବପ୍ରଥମ ପୁରାତନ ଭାରତ ଇତିହାସ । ଏହି ପୁସ୍ତକରେ ସ୍ମିଥ୍ ଇଂରେଜମାନଙ୍କ ସପକ୍ଷରେ ଅନେକ କଥା ଲେଖିଛନ୍ତି । ବିଶେଷକରି ଭାରତୀୟମାନେ ଇଂରେଜମାନଙ୍କ ଦ୍ୱାରା ଶାସିତ ହେବା ଉଚିତ୍ ବୋଲି ସେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ଏହି ପୁସ୍ତକଟି ଇଂରେଜ ସାମ୍ରାଜ୍ୟବାଦର ଶକ୍ତି ବୃଦ୍ଧି କରିବା ପାଇଁ ସହାୟକ ହୋଇଥିଲା ।

ଇଂରେଜ ଶିକ୍ଷା ଗ୍ରହଣ କରିଥିବା ଭାରତୀୟ ବିଶେଷଜ୍ଞମାନେ ଇଂରେଜମାନଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ ଇତିହାସ ରଚନା ଦେଖି ବୀତସ୍ପୃହ ହେଲେ । ଜାତୀୟତାରେ ଉଦ୍‌ବୁଦ୍ଧ ହୋଇ ସେମାନେ ନିଜ ଦେଶର ଇତିହାସକୁ ସଂଶୋଧିତ କରିଲେଖିବା ପାଇଁ ପ୍ରଚେଷ୍ଟା କଲେ । ସେମାନେ ଭାରତୀୟ ସଂସ୍କୃତିର ମହନୀୟତାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ପାଇଁ ଲେଖନୀ ଚାଳନା କଲେ । ବିଭିନ୍ନ ତଥ୍ୟସାମଗ୍ରୀ ଉପାଦାନ ସଂଗ୍ରହ କରି ଆର.ଜି. ଭଣ୍ଡାରକର (୧୮୩୭-୧୯୨୫) ଏବଂ ଭି.କେ. ରାଜଓ୍ୱାଡେ (୧୮୬୯-୧୯୨୬)ଙ୍କ ପରି ଦୁଇଜଣ ବିଖ୍ୟାତ ଜାତୀୟତାବାଦୀ ଭାରତୀୟ ଐତିହାସିକ, ଭାରତୀୟ ସାମାଜିକ ଇତିହାସ ଓ ଭାରତର ରାଜନୈତିକ ଇତିହାସକୁ ପୁର୍ନ ରଚନା କରିଥିଲେ । ସେମାନେ ଏହାକୁ ରଚନା କଲାବେଳେ ବାଲ୍ୟବିବାହ ଓ ଜାତିପ୍ରଥା ଭଳି ସାମାଜିକ ବ୍ୟାଧିକୁ ସମାଲୋଚନା କରିଥିଲେ । ଅନ୍ୟ ପକ୍ଷରେ ସେମାନେ ବିଧବା ବିବାହକୁ ଉତ୍ସାହିତ କରିଥିଲେ । ଐତିହାସିକ ପି.ଭି. କାନେ (୧୮୮୦-୧୯୭୨) ଅବଦାନ ଥିଲା ଉଲ୍ଲେଖଯୋଗ୍ୟ । ସେ 'ହିଷ୍ଟ୍ରି ଅଫ୍ ଧର୍ମଶାସ୍ତ୍ର' (History of Dharma Sashtra) ନାମକ ଏକ ସ୍ମରଣୀୟ ପୁସ୍ତକ ରଚନା କରି ପୁରାତନ ଭାରତୀୟ ସାମାଜିକ ବ୍ୟବସ୍ଥାର ମୁଖ୍ୟ ଉପାଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଭାରତୀୟ ବିଦ୍ୱାନମାନେ ଯତ୍ନର ସହିତ ପୁରାତନ ଭାରତୀୟ ଗ୍ରନ୍ଥକୁ ଅଧ୍ୟୟନ କରି ଶାସନ କ୍ଷେତ୍ରରେ ସେମାନଙ୍କର କିପରି ଦକ୍ଷତା ଥିଲା, ତାହା ପ୍ରମାଣ କରିଛନ୍ତି । ଡି.ଆର୍. ଭଣ୍ଡାରକର ନାମକ ଜଣେ ଅଭିଲେଖତତ୍ତ୍ୱବିତ୍ (୧୮୭୫-୧୯୫୦) ପୁରାତନ ଭାରତୀୟ ରାଜନୈତିକ ଅନୁଷ୍ଠାନଗୁଡ଼ିକ ସଂବଂଧରେ ଲେଖନୀ ଚାଳନା କଲେ । ଏଚ୍.ସି. ରାୟଚୌଧୁରୀ (୧୮୯୨-୧୯୫୭) ପୁରାତନ ଭାରତ ଇତିହାସକୁ ନିର୍ଭୁଲ ଭାବରେ ଲେଖିବା ସଂଗେ ସଂଗେ ବିଭିନ୍ନ ଯାଗାରେ ଭି.ଏ. ସ୍ମିଥ୍‌ଙ୍କୁ ସମାଲୋଚନା କରିଥିଲେ । ଆର୍.ସି. ମଜୁମଦାର (୧୮୮୮-୧୯୮୦) ନାମକ ଜଣେ ବିଶିଷ୍ଟ ଐତିହାସିକ 'ହିଷ୍ଟ୍ରି ଏଣ୍ଡ କଲ୍‌ଚର ଅଫ୍ ଇଣ୍ଡିଆନ୍ ପିପୁଲ୍' ନାମକ ଶୀର୍ଷକରେ ଅନେକ



ଟିପ୍ପଣୀ



ଖଣ୍ଡ ପୁସ୍ତକ ରଚନା କରି ଆଲୋଡ଼ନ ସୃଷ୍ଟି କରିଥିଲେ । ୧୯୬୦ ଖ୍ରୀ:ଆ: ପର୍ଯ୍ୟନ୍ତ ଭାରତୀୟ ଐତିହାସିକମାନେ ଜାତୀୟତା ସ୍ରୋତରେ ଉଦ୍‌ବୁଦ୍ଧ ହୋଇ ସେମାନଙ୍କ ଆଞ୍ଚଳିକ ଇତିହାସକୁ ଲେଖାମାଧମରେ ପ୍ରକାଶ କରିଥିଲେ । କେ.ପି. ଜୟସାଲ୍ (୧୮୮୧-୧୯୩୭) ପୁରାତନ ଭାରତରେ ସାଧାରଣତନ୍ତ୍ରିକ ଶାସନ ଓ ସ୍ୱରାଜ ଥିଲା ବୋଲି ବର୍ଣ୍ଣନା କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି ।

ଭାରତ ସ୍ୱାଧୀନତା ଲାଭ କଲାପରେ ନୂତନ ପ୍ରକାର ଇତିହାସ ରଚନା ଆରମ୍ଭ ହେଲା । ରାଜନୈତିକ ଇତିହାସ ପରିବର୍ତ୍ତେ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଇତିହାସ ଲେଖାହେଲା । ଏହି ପ୍ରକାର ଲେଖା ମଧ୍ୟରୁ ଏ.ଏଲ୍. ବାସାମ୍‌ଙ୍କ ରଚିତ ଦି ୱାଣ୍ଡର ଦ୍ୟାଟ୍ ୱାଜ୍ ଇଣ୍ଡିଆ (The Wonder that was India) (୧୯୧୪-୧୯୮୬) ଅନ୍ୟତମ ଅଟେ । ଏହାପରେ ଭାରତର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଉପରେ ଡି.ଡି. କୋସାମ୍ବି (୧୯୦୭-୧୯୬୬) ନାମକ ଜଣେ ଲବ୍ଧପ୍ରତିଷ୍ଠ ଐତିହାସିକ ଏକ ଉପଯୋଗୀ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକର ନାମ ଥିଲା 'ଆନ୍ ଇଣ୍ଟ୍ରୋଡ଼କ୍ସନ୍ ଟୁ ଷ୍ଟଡି ଅଫ୍ ଇଣ୍ଡିଆନ୍ ହିଷ୍ଟ୍ରି' । ଅନେକ ଐତିହାସିକ ତାଙ୍କର ପଦାଙ୍କ ଅନୁସରଣ କରି ଭାରତର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରି ଇତିହାସ ରଚନା କରିଥିଲେ । ସେମାନେ ମୁଖ୍ୟତଃ ବିଭିନ୍ନ ଉତ୍ପାଦନ ପ୍ରକ୍ରିୟା ଏବଂ ବିଭିନ୍ନ ଦଳ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ସଂପର୍କ ଉପରେ ପ୍ରାଧାନ୍ୟ ଦେଇ ଇତିହାସ ରଚନା କରିଥିଲେ ।

## INTEXTQUESTIONS 1.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଭାରତର ସ୍ୱାଧୀନତା ପରେ ଇତିହାସ ରଚନା କରିବା କ୍ଷେତ୍ରରେ ଯେଉଁ ଉନ୍ନତି ପରିଲକ୍ଷିତ ହୋଇଥିଲା ତାହା ବର୍ଣ୍ଣନା କର ।

## 1.9 THEMES IN INDIAN HISTORY- ଭାରତ ଇତିହାସର ବିଷୟବସ୍ତୁ

ଭାରତର ଅତୀତ ଇତିହାସ ବିଷୟରେ ଏକ ମୋଟାମୋଟି ଧାରଣା ଆହରଣ ପାଇଁ ଛାତ୍ରମାନେ ସମାଜର ବିଭିନ୍ନ ଦିଗ ବିଷୟରେ ଜାଣିବା ଆବଶ୍ୟକ । ଏହାକୁ ଇତିହାସର କଥାବସ୍ତୁ କୁହାଯାଏ । ଏହି କଥାବସ୍ତୁକୁ ଅଧ୍ୟୟନ କରି ଆମେ ସାମାଜିକ, ଅର୍ଥନୀତିକ ଓ ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଜ୍ଞାନ ଆହରଣ କରିପାରିବା । ଉପରୋକ୍ତ କ୍ଷେତ୍ରରେ ଉନ୍ନତି ପରସ୍ପର ସହ ସଂଯୁକ୍ତ । ବେଳେବେଳେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ଉଦାହରଣ ସ୍ୱରୂପ ଋଗ୍‌ବେଦ ଯୁଗର ସମାଜରେ ପଶୁପାଳନ ମୁଖ୍ୟ ଜୀବିକା ଥିଲା ବେଳେ ପରବର୍ତ୍ତୀ ବୈଦିକ ସମାଜର ମୁଖ୍ୟ ଜୀବିକା ଥିଲା କୃଷି । ଏହା ଫଳରେ ସେହିପରି ଭାବରେ ରାଜନୈତିକ ବ୍ୟବସ୍ଥାରେ ମଧ ପରିବର୍ତ୍ତନ ଦେଖାଯାଇଥିଲା । ଋଗ୍‌ବେଦ ଯୁଗର ରାଜାଙ୍କୁ ଗୋପତି କୁହାଯାଉଥିଲା ବେଳେ ପରବର୍ତ୍ତୀ ବୈଦିକ ଯୁଗର ରାଜାଙ୍କୁ ଭୂପତି କୁହାଯାଉଥିଲା । ଏହା ସହିତ ବିଭିନ୍ନ ରାଜାଙ୍କ ମଧ୍ୟରେ ଅଧିକ ରାଜ୍ୟ ଅଧିକାର ପାଇଁ ସଂଘର୍ଷ ଚାଲିଲା । ରାଜାମାନେ କ୍ରମଶଃ ଶକ୍ତିଶାଳୀ ହେଲେ ଏବଂ ବଂଶାନୁକ୍ରମିକ ରାଜତନ୍ତ୍ର ପ୍ରତିଷ୍ଠିତ ହେଲା । ଏଥିରୁ ଆମେ ଲକ୍ଷ୍ୟ କଲେ ଯେ ବିଭିନ୍ନ ସମୟରେ ଏବଂ ଭିନ୍ନ ଭିନ୍ନ ସ୍ତରରେ ପରିବର୍ତ୍ତନ ପରସ୍ପର ସହିତ ସଂପୃକ୍ତ ହୋଇ ଉନ୍ନତି ପରିଲିଖିତ ହୋଇଥିଲା ଏବଂ ବେଳେ ବେଳେ ଅଗ୍ରଗତିକୁ ପ୍ରଭାବିତ କରୁଥିଲା । ଏହି ବିଷୟ ସୂଚୀରେ ତୁମ୍ଭେମାନେ କଳା, ସ୍ଥାପତ୍ୟ, ଜାତିପ୍ରଥା, ବିଜ୍ଞାନ, ଅର୍ଥନୀତି ଓ ଯାନ୍ତ୍ରିକ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସଂପର୍କରେ ଶିକ୍ଷାଲାଭ କରିପାରିବ ଏବଂ ଏଥିସହିତ ବିଭିନ୍ନ ପ୍ରକାର ଧର୍ମର ଉତ୍ପତ୍ତି ଓ ଅଗ୍ରଗତି ବିଷୟରେ ଜାଣିପାରିବ ।



ଟିପ୍ପଣୀ

## TERMINAL QUESTIONS- ନିଜକୁ ନିଜେ ପରଖିବା

1. ପ୍ରାଚୀନ ଭାରତର ଧର୍ମନିରପେକ୍ଷ ସାହିତ୍ୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।
2. ଇତିହାସ ରଚନା କରିବା ପାଇଁ ମୁଦ୍ରା କିପରି ଏକ ଉପଯୋଗୀ ଉପାଦାନ ୫ଟି ଧାଡ଼ିରେ ବର୍ଣ୍ଣନା କର ।
3. ଅତୀତ ବିଷୟରେ ଜାଣିବା ପାଇଁ ପ୍ରତ୍ନତତ୍ତ୍ୱ ଆମକୁ କିପରି ସାହାଯ୍ୟ କରିଥାଏ ।

## ANSWERS TOINTEXT QUESTIONS- ପ୍ରତ୍ୟାଶିତ ପଶ୍ନର ଉତ୍ତର

**1.1**

1. ଋଗ୍‌ବେଦ, ସାମବେଦ, ଜର୍ଜୁବେଦ, ଅର୍ଥବବେଦ ।
2. ଅଷ୍ଟାଧ୍ୟାୟୀ ।
3. ଯେଉଁଥିରେ ବୁଦ୍ଧଙ୍କ ପୂର୍ବଜନ୍ମର ଗଳ୍ପଗୁଡ଼ିକ ରହିଅଛି ।
4. ତାମିଲ
5. ବେଦର ଶେଷ ଅଙ୍ଗ ହେଉଛି ଉପନିଷଦ ।ଆତ୍ମା ଓ ପରମାତ୍ମା ଉପରେ ଏଥିରେ ଦାର୍ଶନିକ ତତ୍ତ୍ୱ ଆଲୋଚିତ ହୋଇଛି ।

**1.2**

1. ଏପିଗ୍ରାଫି ବା ଅଭିଲେଖ ପଠନ ବିଦ୍ୟା ।
2. ଯେଉଁ ଶୀଳା ଲେଖରେ ରାଜାଙ୍କର ପ୍ରଶଂସା ଓ ଗୁଣକୀର୍ତ୍ତନ ରାଜକବିମାନଙ୍କ ଦ୍ୱାରା ହୋଇଥାଏ ।
3. ଲିପି
4. ବ୍ରାହ୍ମି

**1.3**

1. ମୁଦ୍ରାତତ୍ତ୍ୱ
2. ରୌପ୍ୟ ଏବଂ ତାମ୍ରମୁଦ୍ରା
3. କୁଶାଣ

**1.4**

1. ଅତୀତକୁ ଜାଣିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ଭୂଖନନ ।
2. ପତ୍ନତତ୍ତ୍ୱଖନନ ଦ୍ୱାରା ମିଳିଥିବା କାଷ୍ଠ ଏବଂ ଅସ୍ଥିର ସମୟ ନିରୂପଣ ।

**1.5**

1. ମେଘାସ୍ଥିନିସ୍
2. ଫା- ହିଆନ୍
3. ହୁଏନ୍ ସାଂ

**1.6**

1. Refer para 6 section 1.9

**HINTS TO TERMINAL QUESTIONS**

1. Refer 1.3
2. Refer 1.5
3. Refer 1.6